# ପୂରାନ ଚାନ୍ଦ ନାଙ୍ଗିଆ
# ବନାମ
# ନ୍ୟାସନାଲ ଫର୍ଟିଲାଇଜର୍ସ ଲିମିଟେଡ୍
# ଅକ୍ଟୋବର 8, 2003
# [ମୁଖ୍ୟ ନ୍ୟାୟଧୀଶ, ଭି.ଏନ୍. ଖାରେ ଏବଂ ନ୍ୟାୟମୂର୍ତ୍ତି, ଏସ୍.ବି. ସିହ୍ନା]

*ମଧ୍ୟସ୍ଥତା :*

*ମଧ୍ୟସ୍ଥି - ନିଯୁକ୍ତି - ଅଧିନିର୍ଣ୍ଣିତ ରାଶି ଗ୍ରହଣ କରିବା ପରେ ବିନା କ୍ଷେତ୍ରାଧିକାରିତାରେ ଅଧିନିର୍ଣ୍ଣୟକୁ ଆପତ୍ତି କରାଯାଇଥିଲା - ଅନୁରକ୍ଷଣୀୟତା - କାର୍ଯ୍ୟ ଚୁକ୍ତି - ଯଦି ମହାପ୍ରବନ୍ଧକ କିମ୍ବା ଉପପ୍ରବନ୍ଧକ ଉପଲବ୍ଧ ନ ଥାଆନ୍ତି, ତେବେ ସେମାନଙ୍କର ଏକମାତ୍ର ମଧ୍ୟସ୍ଥତାକୁ ଯେକୌଣସି ବିବାଦର ସୁପାରିଶ ପାଇଁ ଚୁକ୍ତିନାମା - ପକ୍ଷମାନଙ୍କ ମଧ୍ୟରେ ବିବାଦ ଉପୁଜିବାରୁ ଉପ-ମହାପ୍ରବନ୍ଧକ ମଧ୍ୟସ୍ଥତା କରିଥିଲେ ଏବଂ ଠିକାଦାରଙ୍କୁ ଏକ ନିର୍ଦ୍ଦିଷ୍ଟ ପରିମାଣ ପ୍ରଦାନ କରିଥିଲେ ଯିଏ ଏହାକୁ ଗ୍ରହଣ କରିଥିଲେ - ପରେ, ଠିକାଦାର ଏହି ଅଧିନିର୍ଣ୍ଣୟକୁ କ୍ଷେତ୍ରାଧିକାରିତା ବିନା ଏବଂ ଏକ ଅକାର୍ଯ୍ୟକ୍ଷମତା ଭାବରେ ଆପତ୍ତି କରିଥିଲେ କାରଣ ମହାପ୍ରବନ୍ଧକଙ୍କ ବଦଳରେ, ଉପ ମହାପ୍ରବନ୍ଧକ ବିଚାରର୍ଥେ ପ୍ରେରଣରେ ପ୍ରବେଶ କରିଥିଲେ - ନିର୍ଣ୍ଣୟ କରାଗଲା, ଠିକାଦାର ମଧ୍ୟସ୍ଥିଙ୍କ କ୍ଷେତ୍ରାଧିକାରିତା କ୍ଷେତ୍ରକୁ ସ୍ପଷ୍ଟ ଭାବରେ ଉପସ୍ଥାପନ କରିଛନ୍ତି ଏବଂ ବିନା କୌଣସି ସଂରକ୍ଷଣରେ ପ୍ରଦାନ କରାଯାଇଥିବା ରାଶି ମଧ୍ୟ ଗ୍ରହଣ କରିଛନ୍ତି, ତେଣୁ ଅଧିନିର୍ଣ୍ଣୟକୁ ଆପତ୍ତି କରିପାରିବେ ନାହିଁ - ମହାପ୍ରବନ୍ଧକଙ୍କୁ ଏକମାତ୍ର ମଧ୍ୟସ୍ଥି ଭାବରେ ନିଯୁକ୍ତ କରାଯାଇଥିଲା, କିନ୍ତୁ ଠିକାଦାର ତାଙ୍କଠାରୁ ନ୍ୟାୟ ପାଇବାର ଆଶା କରିଥିବାରୁ, ମହାପ୍ରବନ୍ଧକ ବିଚାରର୍ଥେ ପ୍ରେରଣରେ ପ୍ରବେଶ କରିଥିଲେ - ଯେହେତୁ ଚୁକ୍ତିନାମା ଅନୁଯାୟୀ ନିବେଦନ ଦିଆଯାଇଥିଲା ଏବଂ ମହାପ୍ରବନ୍ଧକ ଉପଲବ୍ଧ ନଥିଲେ, ଉପ-ପ୍ରବନ୍ଧକ ମଧ୍ୟସ୍ଥତା ପାଇଁ ଯୋଗ୍ୟ ଥିଲେ ।*

ଦେୱାନୀ ଅପିଲୀୟ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 1996/1998 ।

ବିବିଧ ଆବେଦନ ସଂଖ୍ୟା 116/1996 ରେ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ ତା 29.4.97 ରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀ ପାଇଁ ସୁଶ୍ରୀ ସଙ୍ଗୀତା କୁମାରଙ୍କ ପାଇଁ ବିଜୟ କୁମାର ।

ଉତ୍ତରଦାତାଙ୍କ ପାଇଁ କେ.ଏନ୍. ଭଟ୍ଟ ଏବଂ ଘନଶ୍ୟାମ ଯୋଶୀ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଏଠାରେ ଅପିଲକାରୀ ସଡ଼କ, ସେତୁ/ନଳାପୋଲ, ପାଦଚଲା ରାସ୍ତା ଏବଂ ସ୍ୱେରେଜ୍ ଇତ୍ୟାଦି ନିର୍ମାଣ ପାଇଁ ଉତ୍ତରଦାତା-ନ୍ୟାସନାଲ ଫର୍ଟିଲାଇଜର୍ସ ଲିମିଟେଡ୍ ସହିତ ଏକ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି । ଏହି ରାଜିନାମା ଲିଖିତ ଥିଲା । ଏହା ଜଣାପଡୁଛି ଯେ ଅପିଲକାରୀ ଏବଂ ଉତ୍ତରଦାତା  ମଧ୍ୟରେ ବିବାଦ ସୃଷ୍ଟି ହୋଇଛି, ଯାହାର ଫଳସ୍ୱରୂପ ଆବେଦନକାରୀ ଜଣେ ମଧ୍ୟସ୍ଥିଙ୍କ ନିଯୁକ୍ତି ପାଇଁ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ । ଚୁକ୍ତିନାମାର ଖଣ୍ଡ 59 ଅନୁଯାୟୀ ନ୍ୟାୟାଳୟ ଏକମାତ୍ର ମଧ୍ୟସ୍ଥିଙ୍କୁ ନିଯୁକ୍ତ କରିଥିଲେ, ଯାହା ନ୍ୟାୟକର୍ତ୍ତାଙ୍କ ଦ୍ୱାରା ବିବାଦର ସମାଧାନ ପାଇଁ ବ୍ୟବସ୍ଥା କରିଥିଲା । ଏହା ଜଣାପଡୁଛି ଯେ ବିଜୟପୁରର ଉପ ମହାପ୍ରବନ୍ଧକ (ସାମଗ୍ରୀ) ସନ୍ଦର୍ଭ ଗ୍ରହଣ

କରିଥିଲେ ଏବଂ 9 ନଭେମ୍ବର, 1992 ରେ ଗୁନାର ଜିଲ୍ଲା ବିଚାରପତିଙ୍କ ନିକଟରେ ତାଙ୍କର ଅଧିନିର୍ଣ୍ଣୟ ଦାଖଲ କରିଥିଲେ। ଏଠାରେ ଅପିଲକାରୀ ଅଧିନିର୍ଣ୍ଣୟକୁ ସ୍ୱୀକାର କରିଥିଲେ ଏବଂ 69,524,04 ଟଙ୍କା ଗ୍ରହଣ କରିଥିଲେ। ତେବେ, ସେ ଗୁନାର ଜିଲ୍ଲା ବିଚାରପତିଙ୍କ ନ୍ୟାୟାଳୟରେ ଏକ ଆପତ୍ତି ଦାଖଲ କରିଥିଲେ ଯେ ଏହି ଅଧିନିର୍ଣ୍ଣୟ ବିନା କ୍ଷେତ୍ରାଧିକାରିତାରେ ହୋଇଛି, ଯେହେତୁ ମହା ପ୍ରବନ୍ଧକ, ଯିଏକି ଏକମାତ୍ର ମଧ୍ୟସ୍ଥି ଭାବରେ ନିଯୁକ୍ତ ହୋଇଥିଲେ, ତାଙ୍କ ପରିବର୍ତ୍ତେ, ଉପ ମହା ପ୍ରବନ୍ଧକ (ସାମଗ୍ରୀ) ସନ୍ଦର୍ଭରେ ପ୍ରବେଶ କରିଥିଲେ ତେଣୁ, ଉପ ମହା ପ୍ରବନ୍ଧକ (ସାମଗ୍ରୀ) ଙ୍କ ଦ୍ୱାରା ଦିଆଯାଇଥିବା ଅଧିନିର୍ଣ୍ଣୟ ବିନା କ୍ଷେତ୍ରାଧିକାରିତାରେ ଥିଲା ଏବଂ ଏହା ଏକ ବ୍ୟର୍ଥତା ଅଟେ। ଉକ୍ତ ଆପତ୍ତିକୁ ନ୍ୟାୟାଳୟଙ୍କ ଦ୍ୱାରା ଏହି ଆଧାରରେ ପ୍ରତ୍ୟାଖ୍ୟାନ କରାଯାଇଥିଲା ଯେ ଅପିଲକାରୀ ଅଧିନିର୍ଣ୍ଣୟକୁ ସ୍ୱୀକାର କରିବା ପରେ ମଧ୍ୟସ୍ଥିଙ୍କର କୌଣସି କ୍ଷେତ୍ରାଧିକାରିତା ନାହିଁ ବୋଲି ଦର୍ଶାଇ ଏହାକୁ ଆପତ୍ତି କରିବାକୁ ତାଙ୍କ ପାଇଁ ଉନ୍ମୁକ୍ତ ନଥିଲା। ଏହାପରେ ଅପିଲକାରୀ ଉଚ୍ଚ ନ୍ୟାୟାଳୟରେ ଅପିଲ କରିଥିଲେ। ଉଚ୍ଚ ନ୍ୟାୟାଳୟ ମଧ୍ୟ ଦେୱାନୀ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ଦୃଷ୍ଟିକୋଣ ସହିତ ସହମତ ହୋଇଥିଲେ ଏବଂ ଅପିଲକୁ ଖାରଜ କରିଦେଇଥିଲେ। ଏହା ଉଚ୍ଚ ନ୍ୟାୟାଳୟଙ୍କ ଉକ୍ତ ରାୟ ବିରୁଦ୍ଧରେ, ଅପିଲକାରୀ ଆମ ନିକଟରେ ଅପିଲ କରିଛନ୍ତି।

ଆମେ ପକ୍ଷମାନଙ୍କ ପାଇଁ ବିଦ୍ୱାନ ଓକିଲଙ୍କ କଥା ଶୁଣିଛୁ। ଆମ ବିଚାର ପାଇଁ ଉଠୁଥିବା କେବଳ ଦୁଇଟି ପ୍ରଶ୍ନ ହେଉଛି : (1) ଥରେ ଅପିଲକାରୀ ଅଧିନିର୍ଣ୍ଣୟକୁ ସ୍ୱୀକାର କରିବା ପରେ, ନ୍ୟାୟକର୍ତ୍ତାଙ୍କର କୌଣସି କ୍ଷେତ୍ରାଧିକାରିତା ଥିଲା କି ନାହିଁ ଏବଂ (2) ଉପ ମହା ପ୍ରବନ୍ଧକ (ସାମଗ୍ରୀ) ମଧ୍ୟସ୍ଥତାରେ ପ୍ରବେଶ କରିବା ପାଇଁ ସକ୍ଷମ ଥିଲେ କି ନାହିଁ କିମ୍ବା ତାଙ୍କର କ୍ଷେତ୍ରାଧିକାର ଅଛି କି ନାହିଁ, ଏହି ଆଧାରରେ ଏହାକୁ ଆପତ୍ତି କରିବାକୁ ତାଙ୍କ ପାଇଁ ଉନ୍ମୁକ୍ତ ଅଛି କି ?

ଯେଉଁ ପର୍ଯ୍ୟନ୍ତ ପ୍ରଥମ ପ୍ରଶ୍ନ ସମ୍ବନ୍ଧରେ, ଏହା ବିବାଦୀୟ ନୁହେଁ ଯେ ଆବେଦନକାରୀ ଅଧିନିର୍ଣ୍ଣୟ ଅନୁଯାୟୀ ତାଙ୍କ ପ୍ରାପ୍ୟ ଅର୍ଥ ଗ୍ରହଣ କରିଥିଲେ ଏବଂ ଥରେ ଆବେଦନକାରୀ ସ୍ପଷ୍ଟ ଭାବରେ ଏବଂ ସଂରକ୍ଷଣ ବିନା ଅଧିନିର୍ଣ୍ଣୟକୁ ଉପସ୍ଥାପନ କରିସାରିବା ପରେ, ଅଧିନିର୍ଣ୍ଣୟକୁ ଆପତ୍ତି କରିବାକୁ ତାଙ୍କ ପାଇଁ ଉନ୍ମୁକ୍ତ ନୁହେଁ। ଆମେ ନଥିକୁ ଯାଞ୍ଚ କରିଛୁ ଏବଂ ଜାଣିବାକୁ ପାଇଛୁ ଯେ ଆବେଦନକାରୀ ନ୍ୟାୟକର୍ତ୍ତାଙ୍କ କ୍ଷେତ୍ରାଧିକାରିତାକୁ ସ୍ପଷ୍ଟ ଭାବରେ ଉପସ୍ଥାପନ କରିଥିଲେ। ସେ ମଧ୍ୟ ବିନା କୌଣସି ଆପତ୍ତିରେ ଅଧିନିର୍ଣ୍ଣୟ ରାଶି ଗ୍ରହଣ କରିଥିଲେ। ଯଦି ଅପିଲକାରୀ ଏହି ଅଧିନିର୍ଣ୍ଣୟକୁ ଆପତ୍ତି କରିବାକୁ ଚାହୁଁଥିଲେ, ତେବେ ସେ ଏପରି କରିବାର ଅଧିକାର ସଂରକ୍ଷିତ ରଖିଥାନ୍ତେ, କିନ୍ତୁ ତାଙ୍କ ଦ୍ୱାରା ପଠାଯାଇଥିବା ଚିଠିରେ ଏପରି କୌଣସି ଆପତ୍ତି କରାଯାଇ ନଥିଲା। ମାମଲାର ଏହି ଦୃଷ୍ଟିକୋଣରେ, ଅପିଲକାରୀ ଅଧିନିର୍ଣ୍ଣୟ ପାଇଁ ଉପସ୍ଥାପନ କରିଥିବା ତଥ୍ୟ ଉପରେ କୌଣସି ସନ୍ଦେହ ନାହିଁ ଏବଂ ଅଧିନିର୍ଣ୍ଣୟକୁ ଆପତ୍ତି କରିବା ଅପିଲକାରୀଙ୍କ ଅନୁସାରେ ନାହିଁ। ଏହି କାରଣରୁ, ଆମେ ଅପିଲକାରୀଙ୍କ ପାଇଁ ବିଦ୍ୱାନ ଓକିଲଙ୍କ ପ୍ରଥମ ତର୍କକୁ ପ୍ରତ୍ୟାଖ୍ୟାନ କରୁଛୁ।

ଯେଉଁ ପର୍ଯ୍ୟନ୍ତ ଦ୍ୱିତୀୟ ପ୍ରଶ୍ନ ସମ୍ବନ୍ଧରେ, ଆମେ ଚୁକ୍ତିନାମାର ଖଣ୍ଡ 59କୁ ଉଲ୍ଲେଖ କରିପାରିବା, ଯାହା ନିମ୍ନରେ ଦିଆଗଲା :

> ଚୁକ୍ତିନାମାରେ ଅନ୍ୟଥା ବ୍ୟବସ୍ଥା କରାଯାଇଥିବା ସ୍ଥାନ ବ୍ୟତୀତ, ପୂର୍ବରୁ ଉଲ୍ଲେଖ କରାଯାଇଥିବା ବିଶେଷ ବିବରଣ, ଡିଜାଇନ୍ ଚିତ୍ର ଏବଂ ନିର୍ଦ୍ଦେଶାବଳୀର ଅର୍ଥ ଏବଂ କାର୍ଯ୍ୟରେ ବ୍ୟବହୃତ କାରିଗରୀର ଗୁଣବତ୍ତା ଏବଂ ସାମଗ୍ରୀ କିମ୍ବା ଅନ୍ୟ କୌଣସି ପ୍ରଶ୍ନ, ଦାବି ଅଧିକାର, ବିଷୟ କିମ୍ବା ଜିନିଷ, ଯେକୌଣସି ପ୍ରକାରେ, ଚୁକ୍ତିନାମା, ଡିଜାଇନ୍, ଚିତ୍ର, ବିଶେଷ ବିବରଣ, ଆକଳନ, ନିର୍ଦ୍ଦେଶାବଳୀ, ଆଦେଶ କିମ୍ବା କାର୍ଯ୍ୟ

ସମ୍ବନ୍ଧୀୟ ଅନ୍ୟଥା ଏହି ସର୍ତ୍ତାବଳୀରୁ କିମ୍ବା କାର୍ଯ୍ୟର ଅଗ୍ରଗତି ସମୟରେ କିମ୍ବା ଏହାର ସମାପ୍ତି କିମ୍ବା ପରିତ୍ୟାଗ ପରେ ଉତ୍ପନ୍ନ ହେଉଥିବା କିମ୍ବା ଏହାକୁ କାର୍ଯ୍ୟକାରୀ କରିବାରେ ବିଫଳତା ସହିତ ଜଡିତ ସମସ୍ତ ପ୍ରଶ୍ନ ଏବଂ ବିବାଦ NEL ର ମହାପ୍ରବନ୍ଧକଙ୍କ ଏକମାତ୍ର ମଧ୍ୟସ୍ଥତାକୁ ପଠାଯିବ ଏବଂ ଯଦି ମହାପ୍ରବନ୍ଧକ କାର୍ଯ୍ୟ କରିବାକୁ ଅକ୍ଷମ କିମ୍ବା ଅନିଚ୍ଛୁକ ହୁଅନ୍ତି, ତେବେ NEL ର ନିଯୁକ୍ତିରେ ଥିବା ଏବଂ ମହାପ୍ରବନ୍ଧକଙ୍କ ଦ୍ୱାରା ନିଯୁକ୍ତ ଉପପ୍ରବନ୍ଧକଙ୍କ ପଦବୀରୁ ତଳେ ହୋଇନଥିବା, ଏପରି ମଧ୍ୟସ୍ଥ କରିବାକୁ ଇଚ୍ଛୁକ ଅନ୍ୟ କୌଣସି ବ୍ୟକ୍ତିଙ୍କ ଏକମାତ୍ର ମଧ୍ୟସ୍ଥତାକୁ ପଠାଯିବ ।

ଗୁନା ସ୍ଥିତ ଦେୱାନୀ ନ୍ୟାୟାଳୟଙ୍କ ଜିଲ୍ଲା ବିଚାରପତି, ଉପରୋକ୍ତ ଖଣ୍ଡ 59 ଅନୁଯାୟୀ ନିଗମର ମହା ପ୍ରବନ୍ଧକଙ୍କୁ ନିଯୁକ୍ତ କରିଥିଲେ । ଏହା ବିବାଦରେ ନାହିଁ ଯେ ଅପିଲକାରୀଙ୍କ ଦ୍ୱାରା ଆଶଙ୍କା ପ୍ରକାଶ କରାଯାଇଥିଲା ଯେ ଯଦି ମହା ପ୍ରବନ୍ଧକଙ୍କୁ ମଧ୍ୟସ୍ଥି ଭାବରେ ନିଯୁକ୍ତ କରାଯାଏ, ତେବେ ତାଙ୍କୁ ନ୍ୟାୟ ମିଳିବ ନାହିଁ । ସମ୍ଭବତଃ, ଉପରୋକ୍ତ ଆଧାରରେ ଉପ ମହା ପ୍ରବନ୍ଧକ (ସାମଗ୍ରୀ) ସନ୍ଦର୍ଭରେ ପ୍ରବେଶ କରିଥିଲେ । ଚୁକ୍ତିନାମାର ଖଣ୍ଡ 59 ଅନୁଯାୟୀ ଏହି ସନ୍ଦର୍ଭ ଦିଆଯାଇଥିବା ତଥ୍ୟକୁ ଧ୍ୟାନରେ ରଖି, ଆମେ ଉପ ମହା ପ୍ରବନ୍ଧକ (ସାମଗ୍ରୀ) ଙ୍କ ସନ୍ଦର୍ଭରେ ପ୍ରବେଶ କରିବା ପ୍ରସଙ୍ଗରେ କୌଣସି ବେଆଇନତା ପାଇନାହୁଁ କାରଣ ଥରେ ମହା ପ୍ରବନ୍ଧକ ଉପଲବ୍ଧ ନଥିଲେ, ଉପ ମହା ପ୍ରବନ୍ଧକ (ସାମଗ୍ରୀ) ମଧ୍ୟସ୍ଥତାରେ ପ୍ରବେଶ କରିବାକୁ ସମ୍ପୂର୍ଣ୍ଣ ସକ୍ଷମ ଥିଲେ ଏବଂ ତେଣୁ, ଉପ-ମହାପ୍ରବନ୍ଧକ (ସାମଗ୍ରୀ)ଙ୍କ କୌଣସି କ୍ଷେତ୍ରାଧିକାର ନାହିଁ ବୋଲି ଅପିଲକାରୀଙ୍କ ଦ୍ୱାରା ନିଆଯାଇଥିବା ଆପତ୍ତିକୁ ପ୍ରତ୍ୟାଖ୍ୟାନ କରାଯିବା ଉଚିତ ।

ଏହି ସମସ୍ତ କାରଣ ପାଇଁ, ଆମେ ଅପିଲରେ କୌଣସି ଯୋଗ୍ୟତା ପାଉନାହୁଁ । ଏହା ବିଫଳ ହୋଇଛି ଏବଂ ସେହି ଅନୁଯାୟୀ ଖାରଜ ହୋଇଛି । ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।

ଆର୍.ପି. ଅପିଲ ଖାରଜ ହେଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*<u>ଭାଷାନ୍ତର :</u>*

ରଶ୍ମିତା ମୁର୍ମୁ ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ , କଟକ ।